International Journal of Humanities Social Science and Management (IJHSSM)
Volume 6, Issue 1, Jan.-Feb., 2026, pp: 629-632 ISSN: 3048-6874
www.ijhssm.org

# କୃପାସାଗର ସାହୁଙ୍କ 'ଶ୍ରୀରାଧା' ଗଳ୍ପ ସଂକଳନରେ ପୌରାଣିକ ମିଥ୍ ର ନୂତନ ରୂପ:ଏକ ଅନୁଶୀଳନ

**କାଜଲ ପୃଷ୍ଟି (ଗବେଷିକା)**

*(ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ,ବାରିପଦା)*

Date of Submission: 14-02-2026 Date of Acceptance: 27-02-2026

**ସଂକ୍ଷିପ୍ତସାର:-**

ମିଥ୍ ହେଉଛି ପ୍ରାଚୀନ ସମାଜର ଆସ୍ଥା, କଳ୍ପନା ଓ ଧାର୍ମିକ ଭାବନାର ଆଧାରରେ ଗଢି ଉଠିଥିବା ଏକ ପାରମ୍ପରିକ କାହାଣୀ। ଏହାର ମାଧ୍ୟମରେ ମନୁଷ୍ୟ ପ୍ରକୃତି, ସୃଷ୍ଟି, ଦେବାଦେବୀ ଓ ଜୀବନର ରହସ୍ୟକୁ ବ୍ୟାଖ୍ୟା କରିଥାଏ। ତେଣୁ ମିଥ୍ କେବଳ କଳ୍ପନା ନୁହେଁ, ବରଂ ସମାଜର ସାଂସ୍କୃତିକ ମୂଲ୍ୟ, ନୈତିକ ଶିକ୍ଷା ଓ ସାମୂହିକ ଚେତନାର ଜୀବନ୍ତ ପ୍ରତିମା।

**ପ୍ରମୁଖ ଶବ୍ଦ-** ମିଥ୍, ଆସ୍ଥା, କଳ୍ପନା, ସାମୂହିକ ଚେତନା , ପାରମ୍ପରିକ କାହାଣୀ

ମିଥ୍ (Myth) ଶବ୍ଦର ଉତ୍ପତ୍ତି ପ୍ରାଚୀନ ଗ୍ରୀକ୍ ଭାଷାର mythos ଶବ୍ଦରୁ ସୃଷ୍ଟି, ଯାହା ପ୍ରାଥମିକ ଭାବେ 'କଥା','ବାଣୀ' କିମ୍ବା 'କାହାଣୀ' ଅର୍ଥରେ ବ୍ୟବହୃତ। ଏହି ମିଥ୍ ମାନବ ସଭ୍ୟତାର ପ୍ରାଚୀନ ଅବସ୍ଥା ସହ ଗଭୀର ଭାବେ ସମ୍ପୃକ୍ତ। ବିଜ୍ଞାନୀୟ ଜ୍ଞାନ ଓ ତାର୍କିକ ଚିନ୍ତାଧାରାର ଅଭାବରେ ପ୍ରାଚୀନ ମାନବ ପ୍ରକୃତିର ବିଭିନ୍ନ ଘଟଣା, ଯେପରିକି ବିଦ୍ୟୁତ୍, ବର୍ଷା, ଭୂକମ୍ପ, ସୂର୍ଯ୍ୟ,ଚନ୍ଦ୍ର ପ୍ରଭୃତିର ଗତିକୁ ବୁଝିପାରୁନଥିଲା। ଏହି ଅଜଣା ଓ ଭୟଙ୍କର ଘଟଣାଗୁଡ଼ିକୁ ବୁଝିବାପାଇଁ ସେ ଦେବାଦେବୀ ଓ ଅଲୌକିକ ଶକ୍ତିର କଳ୍ପନା କଲା। ପ୍ରକୃତି ପ୍ରତି ଭୟ, ଆଶ୍ଚର୍ଯ୍ୟ ଓ କୃତଜ୍ଞତାର ଭାବନାରୁ ଦେବତା ପୂଜାର ପ୍ରଚଳନ ହେଲା ଓ ସେହି ପୂଜାକୁ କେନ୍ଦ୍ର କରି ବିଭିନ୍ନ କାହାଣୀ ଗଢିଉଠିଲା। ଏହି କାହାଣୀଗୁଡ଼ିକ ପିଢିଦର ପିଢ଼ି ମୁଖେ ମୁଖେ ପ୍ରଚଳିତ ହୋଇ ମିଥ୍ ରୂପେ ପ୍ରଚଳିତ ହେଲା। ତେଣୁ ସାହିତ୍ୟରେ ମିଥ୍ କେବଳ ପୁରାଣମୂଳକ କଥା ନୁହେଁ; ଏହା ପ୍ରତୀକ ଓ ରୂପକ ମାଧ୍ୟମରେ ମାନବ ଜୀବନର ସତ୍ୟ, ସଂଘର୍ଷ ଓ ସାମାଜିକ ବାସ୍ତବତାକୁ ଅର୍ଥାବହ ଭାବରେ ଉଦଘାଟନ କରେ। ଓଡ଼ିଆ ସାହିତ୍ୟରେ ପୁରାଣ, ଜଗନ୍ନାଥ ସଂସ୍କୃତି ଓ ଲୋକବିଶ୍ୱାସ ମାଧ୍ୟମରେ ମିଥ୍ ଏକ ଗୁରୁତ୍ୱପୂର୍ଣ୍ଣ ସାହିତ୍ୟିକ ଉପାଦାନ ଭାବେ ପରିଚିତ।

ଓଡ଼ିଆ କଥାସାହିତ୍ୟରେ ଗାଳ୍ପିକ କୃପାସାଗର ସାହୁ ଜଣେ ପ୍ରତିଷ୍ଠିତ ପ୍ରବୀଣ କଥାକାର। ସେ ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ସବଡିଭିଜନରେ ଅବସ୍ଥିତ ରାଜ୍ୟର ବୃହତ୍ତମ ଗାଁ 'ଭୁବନ' ଏବଂ ସେହି ଗାଁର ଅନତିଦୂରରେ 'ମଠକରଗୋଳା'ଏକ ମଫସଲ ଗାଁରେ ଜନ୍ମଗ୍ରହଣ କରିଥିଲେ। ସେ ଏକାଧାରରେ ଜଣେ କବି, ଗାଳ୍ପିକ, ଔପନ୍ୟାସିକ,ଶିଶୁ ସାହିତ୍ୟିକ ମଧ ଥିଲେ। ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ଲାଭକରି ମୟୂରଭଞ୍ଜର ମହାରାଜା ପୂର୍ଣ୍ଣଚନ୍ଦ୍ର କଲେଜରେ ଅଧ୍ୟାପକ ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ଏବଂ ଛାତ୍ରଛାତ୍ରୀ ମହଲରେ ବେଶ ଚର୍ଚ୍ଚିତ ଏବଂ ଲୋକପ୍ରିୟ ଥିବା ଏହି ଅଧ୍ୟାପକ ସର୍ବଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ଗଳ୍ପ, କବିତା, ଶିଶୁସାହିତ୍ୟ ତଥା ଉପନ୍ୟାସ ଆଦି ସାହିତ୍ୟର ବିଭିନ୍ନ ବିଭାଗରେ ସେ ଲେଖନୀ ଚାଳନା କରିଛନ୍ତି। ତାଙ୍କର ରଚନାବଳୀ ମଧ୍ୟରେ କବିତା (। ଉପରେ ଫର୍ଚ୍ଚା ଆକାଶ , ତଳେ ବସୁମାତା), ଗଳ୍ପ ସଂକଳନ ମଧ୍ୟରେ ଜ୍ୟୋତି ଓ ତାମସା, କାହାଣୀ ୧୯୯୮, ଅରଣ୍ୟର ଅଜଗର ଓ ଅନ୍ୟାନ୍ୟ କାହାଣୀ, ହଂସଧ୍ୱନି, କାହାଣୀ ୨୦୦୫,ଶୁଆ କହେ ଶାରୀଲୋ, ଗଡ଼ଜାତ ଗଳ୍ପ,କହିଁ ପୋଖରୀରେ ପ୍ରେମ,ଇତରୀୟ ଉପନିଷଦ,

କୃପାସାଗର କ୍ଲାସିକ,ଶ୍ୟାମଳ ସାୟାହ୍ନ, ରେଳଗଳ୍ପ, ବ୍ୟଙ୍ଗ ଗଳ୍ପ,ଭ୍ରାନ୍ତ ନିର୍ଝର ଓ ଅନ୍ୟାନ୍ୟ ଗଳ୍ପ,ପକ୍ଷୀଜହ୍ନରୁ ପାରିକର, ଲୌକିକ ଓ ଅଲୌକିକ, ରାଗମାଳଶ୍ରୀ, ଯାତ୍ରୀଗଣ ଦୟାକରି ଧ୍ୟାନ ଦିଅନ୍ତୁ, ଗାଆଁ, ଶ୍ରୀକୃଷ୍ଣ, ରେଳପଞ୍ଚାଶିକା, ଶ୍ରୀରାଧା, ଶ୍ରୀରାମ ଉପନ୍ୟାସ ସଙ୍କଳନ ମଧ୍ୟରେ ଶେଷ ଶରତ, ଶ୍ରାବଣର ସକାଳ, ଝରାପତ୍ରରେ ଝଡ଼, କରମଣ୍ଡଳ ଏକ୍ସପ୍ରେସ, ଷ୍ଟେସନର ନାଁ ଲିଲିଗୁମ୍ଫା ,ନାନୀ ନୁହେଁ ମୁଁ ନକ୍ସଲ,ମହାମୋକ୍ଷ, ଉର୍ମିଳା ଏକ ଜୀବନ, ଚମ୍ପାଫୁଲ ପ୍ରଭୃତି।

ଗଳ୍ପମାନଙ୍କ ମଧ୍ୟରୁ 'ଶ୍ରୀରାଧା'ଏକ ମିଥ୍ ଚେତନାମୂଳକ ଗଳ୍ପ। ତାଙ୍କର ଗଳ୍ପ ଗୁଡ଼ିକରେ ବିଶେଷକରି ପୁରାଣର ଅନେକ କାହାଣୀ ଯେପରିକି ରାଧାକୃଷ୍ଣଙ୍କର ପ୍ରୀତିପ୍ରଣୟ ଚିତ୍ରର ପରିପକ୍ୱତା ରହିଛି। ଭାରତୀୟ ସାହିତ୍ୟ, ସଂସ୍କୃତି ଏବଂ ଧାର୍ମିକ ଭାବନାକୁ ଶତାବ୍ଦୀ ଶତାବ୍ଦୀ ଧରି ଆଚ୍ଛନ୍ନ କରି ରଖିଥିବା ଏକ ବର୍ଣ୍ଣାଢ୍ୟ ଚରିତ୍ର ହେଉଛନ୍ତି ଶ୍ରୀରାଧା। ସେ କେତେବେଳେ ରାଧା ଗଉଡୁଣୀ ତ ପୁଣି ବୃନ୍ଦାବନେଶ୍ୱରୀ,ସେ ଚନ୍ଦ୍ରସେନ ଗୃହିଣୀ,ପୁଣି କୃଷ୍ଣସର୍ବସ୍ୱା,ସେ ରାସେଶ୍ୱରୀ ପୁଣି ଚିରବିରହିଣୀ ବିଷାଦର ମୂର୍ତ୍ତିମନ୍ତ ପ୍ରତିମା।ସେ ବରସାନା 'ରାଧା'ରୁ ବ୍ରହ୍ମାଣ୍ଡେଶ୍ୱରୀ ଶ୍ରୀରାଧା,ମାନବୀରୁ ଦେବୀ ସ୍ତରକୁ ଉତ୍ତୀର୍ଣ୍ଣ ହୋଇ ହିନ୍ଦୁ ଦେବାଦେବୀଙ୍କ ଗ୍ରହଣରେ ପୂଜା ପାଉଛନ୍ତି। ଶ୍ରୀରାଧା ଗଳ୍ପ ସଂକଳନରେ ୧୮ଟି ଗଳ୍ପ ରହିଛି। ସେଗୁଡ଼ିକ ମଧ୍ୟରେ 'ପଦ୍ମବନରେ ପରୀ', 'ବାଗ୍ ଦତ୍ତା', 'ମୋହନ ବଂଶୀ', 'ପ୍ରେମର ପରାକାଷ୍ଠା', 'ସହସ୍ରଧାରା କୁମ୍ଭ', 'ସତୀଶିରୋମଣି', 'ଶାଶୂ,ବୋହୂ ଓ ନଣନ୍ଦ, 'ରାସପୂର୍ଣ୍ଣିମା', 'ଦେହି ପଦପଲ୍ଲବ ମୁଦାରମ୍', 'ଧୂସର ଅଭିସାର', 'ଦୁର୍ଜୟମାନ', 'କିଏ ପରକୀୟା', 'ବିଦାୟ ବୃନ୍ଦାବନ', 'ଶ୍ରୀରାଧାଙ୍କ ଚିଟାଉ', 'କୁରୁକ୍ଷେତ୍ରରେ ମହାମିଳନ', 'ଶେଷଦର୍ଶନ', 'ବ୍ରଜଦୁଲାଳୀ ବ୍ରହ୍ମାଣ୍ଡ ଈଶ୍ୱରୀ', 'ଶୁକଶାରିକା ସମ୍ବାଦ'। ଏହି ଗଳ୍ପଗୁଡ଼ିକ ମଧ୍ୟରେ ରାଧାତତ୍ତ୍ୱ ସମ୍ପର୍କରେ ପ୍ରଚଳିତ ଦୁଇଟି ଧାରା ରହିଛି, ଯଥା - ରାଗାନୁଗା ପ୍ରେମଭକ୍ତି ଏବଂ ଜ୍ଞାନମିଶ୍ରା ଭକ୍ତି। ଗାଳ୍ପିକ ଏହି ଦୁଇଟି ଭକ୍ତିରୁ ଦୂରେଇ ଯାଇ ଏକ ମଧ୍ୟମପନ୍ଥାର ଆଶ୍ରୟ ନେଇଛନ୍ତି, ଯେଉଁଠି ତତ୍ତ୍ୱ ନୁହେଁ ଶ୍ରୀରାଧାଙ୍କ ଜୀବନଚରିତର ତିନୋଟି ପର୍ଯ୍ୟାୟ ରହିଛି।

'ପଦ୍ମବନରେ ପରୀ' ଏହି ଗଳ୍ପରେ ଗାଳ୍ପିକ ରାଧାଙ୍କର ଜନ୍ମ, ଉତ୍ପତ୍ତି ଏବଂ ସେ କିପରି ଆବିର୍ଭୂତ ହୋଇଛନ୍ତି ଏବଂ ଶୈଶବରୁ ତାଙ୍କ ପାଖରେ କିପରି ଦେବୀ ସୁଲଭ ଲକ୍ଷଣ ଦେଖିବାକୁ ମିଳିଛି ତାହାର ବର୍ଣ୍ଣନା ହୋଇଥିବାବେଳେ 'ବାଗଦତ୍ତା' ଗଳ୍ପରେ ରାଧାଙ୍କ ବିବାହ ସ୍ଥିରୀକରଣ ଏବଂ ସେଥିପାଇଁ ତାଙ୍କ ମନରେ ସୃଷ୍ଟି ହୋଇଥିବା ଦ୍ୱନ୍ଦ୍ୱ ଉପରେ ଏହି ଗଳ୍ପଟି ଆଧାରିତ। ବିବାହ ସ୍ଥିର ହେବାପରେ ରାଧାଙ୍କ ମନରେ ନିଜର ଚପଳ କିଶୋରୀ ଜୀବନର ସ୍ୱାଧୀନତା ହରାଇବା ଏବଂ ଏକ ଅନିଶ୍ଚିତ ଭବିଷ୍ୟତର ଦାୟିତ୍ୱକୁ ନେଇ ଗଭୀର ଆଶଙ୍କା ଏହି ଗଳ୍ପରେ ଗାଳ୍ପିକ ଦର୍ଶାଇଛନ୍ତି।

ଠିକ୍ ସେହିପରି 'ମୋହନବଂଶୀ' ଗଳ୍ପରେ ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କ ପ୍ରଥମ ପରିଚୟ, ରାଧାଙ୍କର ପତିବ୍ରତା ଧର୍ମ ଏବଂ ପରିଶେଷରେ ଦୈବୀଶକ୍ତି ବଳରେ ସେମାନଙ୍କ ମିଳନର ପୃଷ୍ଠଭୂମି ଉପରେ ଏହି ଗଳ୍ପଟି ଆଧାରିତ। ଏହି ଗଳ୍ପରେ ଗାଳ୍ପିକ ଦର୍ଶାଇଛନ୍ତି ବ୍ରହ୍ମା ଯେତେବେଳେ ରାଧାଙ୍କୁ ତାଙ୍କର ପୂର୍ବ ସ୍ମୃତି ଫେରାଇ ଆଣିବା ସହ ସେମାନଙ୍କର ବିବାହ ସଂପନ୍ନ କରାଇ କୃଷ୍ଣଙ୍କ ସହ ଅଭିନ୍ନ କରିଦେବାର ଆଶ୍ୱାସନା ଦେଇଛନ୍ତି ସେତେବେଳେ ରାଧାଙ୍କ ଜୀବନର ଗତିପଥ ସଂପୂର୍ଣ୍ଣ ବଦଳିଯାଇଛି।

'ପ୍ରେମର ପରାକାଷ୍ଠା' ଗଳ୍ପରେ ଗାଳ୍ପିକ ଶ୍ରୀକୃଷ୍ଣଙ୍କ ପ୍ରତି ଗୋପୀମାନଙ୍କର ଭକ୍ତି ଏବଂ ଶ୍ରୀରାଧାଙ୍କର ନିଃସ୍ୱାର୍ଥପର ପ୍ରେମର ପରୀକ୍ଷା ଦେଖାଇଛନ୍ତି। ଗାଳ୍ପିକ ଗଳ୍ପରେ ସୂଚାଇଛନ୍ତି ଏହାହିଁ ପ୍ରେମର ପ୍ରକୃତ ପରାକାଷ୍ଠା। ଯେଉଁଠି ପ୍ରେମାସ୍ପଦର ସୁଖ ପାଇଁ ପ୍ରେମିକ ନିଜର ସର୍ବସ୍ୱ ତଥା ନିଜର ପରକାଳକୁ ମଧ୍ୟ ତ୍ୟାଗ କରିବାକୁ ପଛାଇ ନଥାଏ। ସେହିପରି 'ସହସ୍ରଧାରା କୁମ୍ଭ' ଗଳ୍ପରେ ଶ୍ରୀରାଧାଙ୍କର ନିଷ୍କାମ ପ୍ରେମ ଏବଂ ଅତୁଟ ବିଶ୍ୱାସର ଶକ୍ତି ପ୍ରତିପାଦିତ ହୋଇଛି। ଏହି ଗଳ୍ପରେ ଶ୍ରୀକୃଷ୍ଣ ସ୍ୱୟଂ ସ୍ୱୀକାର କରିଛନ୍ତି ରାଧାଙ୍କର ପ୍ରେମ ଓ ଭକ୍ତି ହିଁ କୁମ୍ଭର ପ୍ରତ୍ୟେକ ଛିଦ୍ରକୁ ନିବୁଜ କରିରଖିଥିଲା। ଏହି ଘଟଣାରୁ ପ୍ରମାଣିତ ହୋଇଛି ପ୍ରେମ ଏପରି ଏକ ଶକ୍ତି ଯାହା ଅସମ୍ଭବକୁ ମଧ୍ୟ ସମ୍ଭବ କରିପାରେ।

'ସତୀଶିରୋମଣି' ଗଳ୍ପରେ ଶ୍ରୀକୃଷ୍ଣ ବାଘ ଶରୀରର ରୂପ ନେଇ ରାଧାଙ୍କ ସତୀତ୍ୱ ପ୍ରମାଣ କରିବା ସହିତ ଶ୍ରୀକୃଷ୍ଣ ମାୟା ବଳରେ ରାଧାଙ୍କର ସମ୍ମାନ ରକ୍ଷା କରିଥିବାର ବର୍ଣ୍ଣନା

ପ୍ରତିପାଦିତ। ଶ୍ରୀକୃଷ୍ଣ ଏହି ଗଳ୍ପରେ ସମାଜ ଆଗରେ ରାଧାଙ୍କର ପତିବ୍ରତା ଓ ମହାନତାକୁ ପ୍ରକଟିତ କରିଛନ୍ତି। ସେହିପରି 'ଶାଶୂ, ବୋହୂ ଓ ନଣନ୍ଦ' ଗଳ୍ପରେ ଶ୍ରୀରାଧାଙ୍କ ପ୍ରତି ତାଙ୍କ ଶାଶୂ(ଜଟିଳା) ଏବଂ ନଣନ୍ଦ(କୁଟିଳା)ଙ୍କର ସନ୍ଦେହୀ ମନୋଭାବ, ଷଡ଼ଯନ୍ତ୍ର ଏବଂ ପରିଶେଷରେ ଶ୍ରୀକୃଷ୍ଣଙ୍କ ମାୟାବଳରେ ସେମାନଙ୍କର ପରାଜୟ ଉପରେ ଗଳ୍ପଟି ଆଧାରିତ। ଗାଳ୍ପିକ ଗଳ୍ପରେ ସୂଚାଇଛନ୍ତି ସନ୍ଦେହ ଓ ଈର୍ଷା ଅପେକ୍ଷା ନିଷ୍କପଟ ପ୍ରେମ ଏବଂ ଭକ୍ତିର ଶକ୍ତି ସର୍ବଦା ଶ୍ରେଷ୍ଠ।

'ରାସପୂର୍ଣ୍ଣିମା' ଗଳ୍ପରେ ଶ୍ରୀକୃଷ୍ଣଙ୍କ ରାସଲୀଳା, ଶ୍ରୀରାଧାଙ୍କ ମହାନତା ଏବଂ ଭକ୍ତିର ପବିତ୍ରତା ଉପରେ ଗଳ୍ପଟି ଆଧାରିତ। ଏହି ଗଳ୍ପରେ ମଧ ରାଧାଙ୍କର ନିଃସ୍ୱାର୍ଥପର ପ୍ରେମ ଓ ଉଦାରତା କୁହାଯାଇଛି। ସେହିପରି 'ଦେହି ପଦପଲ୍ଲବ ମୁଦାରମ୍' ଗଳ୍ପରେ ଶ୍ରୀକୃଷ୍ଣଙ୍କର ଚତୁରତାପୂର୍ଣ୍ଣ ଛଳନା ଏବଂ ଶ୍ରୀରାଧାଙ୍କ ପ୍ରତି ତାଙ୍କର ଗଭୀର ଅନୁରାଗ ପ୍ରକଟିତ ହୋଇଛି। ଗଳ୍ପଟିରେ ଗାଳ୍ପିକ ଦର୍ଶାଇଛନ୍ତି ଭଗବାନ ଓ ଭକ୍ତଙ୍କ ମଧ୍ୟରେ ଥିବା ମଧୁର ସମ୍ପର୍କ ଏବଂ ପ୍ରେମାସ୍ପଦକୁ ପାଇବାପାଇଁ ଶ୍ରୀକୃଷ୍ଣଙ୍କର ବିଭିନ୍ନ ଲୀଳାକୁ ଅତି ସୁନ୍ଦର ଭାବେ ବର୍ଣ୍ଣିତ।

'ଧୂସର ଅଭିସାର' ଗଳ୍ପରେ ଶ୍ରୀକୃଷ୍ଣ ନାରୀ ଛଦ୍ମବେଶରେ ଆସି ରାଧାଙ୍କୁ ମିଥ୍ୟା ଚାତୁରୀ ଏବଂ ସଖୀମାନଙ୍କ ନିକଟରେ ଶ୍ରୀକୃଷ୍ଣ ଅପମାନିତ ହୋଇଥିବାର ବର୍ଣ୍ଣନା ପ୍ରକଟିତ। ଏହି ଗଳ୍ପରେ ଗାଳ୍ପିକ ସୂଚାଇଛନ୍ତି ପ୍ରେମ ପାଇଁ କରାଯାଇଥିବା ଛଳନା ବା ମିଥ୍ୟା ଶେଷରେ କଷ୍ଟଦାୟକ ହୋଇଥାଏ ଏବଂ ଏହା ନିଜର ପ୍ରିୟଜନଙ୍କ ଆଗରେ ସମ୍ମାନ ହ୍ରାସ କରିଥାଏ। ସେହିପରି 'ଦୁର୍ଜୟମାନ' ଗଳ୍ପରେ ଶ୍ରୀକୃଷ୍ଣ ରାଧାଙ୍କ ଗୃହକୁ ଯୋଗୀ ଛଦ୍ମବେଶରେ ଆସିଥିବାର ବର୍ଣ୍ଣନା ସହିତ ରାଧା ଓ କୃଷ୍ଣଙ୍କ ପ୍ରେମ,ମାନ- ଅଭିମାନ ଏବଂ ପଶ୍ଚାତାପର ଏକ ମନସ୍ତାତ୍ତ୍ୱିକ ଚିତ୍ର ପ୍ରଦାନ କରିଛନ୍ତି।ଏହି ଗଳ୍ପରେ ଗାଳ୍ପିକ ସୂଚାଇଛନ୍ତି ଯେ ପ୍ରେମ କେବଳ ମିଳନ ନୁହେଁ, ବରଂ ଏଥିରେ ଅଭିମାନ, ନୈତିକତା ଏବଂ ସାମାଜିକ ସୀମାର ଏକ ବଡ଼ ସଂଘର୍ଷ ରହିଥାଏ। ରାଧାଙ୍କ ଅଭିମାନ ଏଠାରେ କେବଳ କ୍ରୋଧ ନୁହେଁ, ବରଂ ନିଜ ସ୍ୱାମୀଙ୍କ ପ୍ରତି ଥିବା ଦୟା ଓ କର୍ତ୍ତବ୍ୟବୋଧର ପ୍ରତିଫଳନ ଘଟିଛି।

'କିଏ ପରକୀୟା' ଗଳ୍ପରେ ରାଧାଙ୍କ ପ୍ରେମ କେବଳ ଏକ ଶାରିରୀକ ଆକର୍ଷଣ ନଥିଲା, ବରଂ ଏହା ଥିଲା ଏକ ଜନ୍ମଜନ୍ମାନ୍ତରର ସମ୍ପର୍କ। ତେଣୁ ଏହି ଗଳ୍ପରେ ରାଧା ନାରୀବାଦର ପ୍ରଶ୍ନ ସହିତ ଜଣେ ନାରୀର ଦୁଇଜଣ ପତି ହେବା ପ୍ରସଙ୍ଗରେ କହିଛନ୍ତି ଯଦି ପୁରୁଷମାନେ 'ବହୁବଲ୍ଲଭ' ହୋଇପାରୁଛନ୍ତି, ତେବେ ନାରୀ କାହିଁକି ନୁହେଁ? ତେଣୁ ରାଧା ସାମାଜିକ ଅପବାଦ ଓ ଭର୍ତ୍ସନାକୁ ଭୟ ନକରି କୃଷ୍ଣଙ୍କୁ ହିଁ ନିଜର ପ୍ରକୃତ ପତି ଓ ପ୍ରାଣନାଥ ଭାବେ ଗ୍ରହଣ କରିଛନ୍ତି।

'ବିଦାୟ ବୃନ୍ଦାବନ' ଗଳ୍ପରେ ଶ୍ରୀକୃଷ୍ଣ ବୃନ୍ଦାବନ ତ୍ୟାଗ କରି ମଥୁରା ଗମନ ଏବଂ ଏହାକୁ କେନ୍ଦ୍ରକରି ଗୋପବାସୀ ଓ ଶ୍ରୀରାଧାଙ୍କ ମନରେ ସୃଷ୍ଟି ହୋଇଥିବା ଗଭୀର ବେଦନାର ମର୍ମସ୍ପର୍ଶୀ ଚିତ୍ର ବର୍ଣ୍ଣିତ। ସେହିପରି 'ଶ୍ରୀରାଧାଙ୍କ ଚିଟାଉ' ଗଳ୍ପରେ ଶ୍ରୀକୃଷ୍ଣଙ୍କ ବିରହରେ ବ୍ୟାକୁଳ ରାଧା ଓ ବୃନ୍ଦାବନର କରୁଣ ଅବସ୍ଥା ବର୍ଣ୍ଣିତ। ଏହା ସହିତ ରାଧାଙ୍କର ଅତିନ୍ଦ୍ରିୟ ପ୍ରେମ ଓ ପ୍ରିୟଜନଙ୍କ ଅପେକ୍ଷାରେ ଥିବା ଜଣେ ବିରହିଣୀ ହୃଦୟର ବ୍ୟଥା ଚିତ୍ରିତ। କୃଷ୍ଣଙ୍କ ଅନୁପସ୍ଥିତିରେ କେବଳ ମଣିଷ ନୁହେଁ, ବରଂ ବୃନ୍ଦାବନର ସମଗ୍ର ପ୍ରକୃତି କିପରି ଶ୍ରୀହୀନ ହୋଇପଡ଼ିଛି, ତାହା ଏହି ଗଳ୍ପର ମୁଖ୍ୟ ସ୍ୱର।

'କୁରୁକ୍ଷେତ୍ରରେ ମହାମିଳନ' ଗଳ୍ପରେ ସୂର୍ଯ୍ୟୋପରାଗ ଅବସରରେ ଶ୍ରୀକୃଷ୍ଣ, ରୁକ୍ମିଣୀ ଏବଂ ଶ୍ରୀରାଧାଙ୍କ ମଧ୍ୟରେ ହୋଇଥିବା ସାକ୍ଷାତର ଏକ ଭାବପୂର୍ଣ୍ଣ ଚିତ୍ର ବର୍ଣ୍ଣିତ। ଏହି ଗଳ୍ପରେ ଗାଳ୍ପିକ ସୂଚାଇଛନ୍ତି ରାଧାଙ୍କର କୃଷ୍ଣଙ୍କ ପ୍ରତି ନିଃସ୍ୱାର୍ଥପର ପ୍ରେମ ଓ ମହାନତା ଦେଖି ରୁକ୍ମିଣୀଙ୍କ ମନରେ ଥିବା ସମସ୍ତ ସନ୍ଦେହ ଦୂର ହୋଇଥିଲା,ସେ ଅନୁଭବ କରିଥିଲେ ରାଧା କେବଳ କୃଷ୍ଣଙ୍କର ପ୍ରେମିକା ନୁହଁନ୍ତି, ବରଂ ପ୍ରେମର ଏକ ଜୀବନ୍ତ ପ୍ରତିମା । ତା ସହିତ ରାଧାଙ୍କ ପ୍ରେମର ଉର୍ଦ୍ଧ୍ୱଗତି ଓ ତାଙ୍କର ତ୍ୟାଗପୂତ ଜୀବନକୁ ଦର୍ଶାଏ,ଏହା ପ୍ରମାଣ କରେ ଯେ ପ୍ରକୃତ ପ୍ରେମ ଅଧିକାର କରିବାରେ ନୁହେଁ, ବରଂ ନିଜକୁ ସମର୍ପଣ କରିବାରେ ଥାଏ।

'ଶେଷଦର୍ଶନ' ଗଳ୍ପରେ ଭଗବାନ ଶ୍ରୀକୃଷ୍ଣଙ୍କ ଶେଷ ସମୟ ଏବଂ ଶ୍ରୀରାଧାଙ୍କ ସହ ତାଙ୍କର ଶେଷ ସାକ୍ଷାତର ମର୍ମସ୍ପର୍ଶୀ ବର୍ଣ୍ଣନା ଚିତ୍ରିତ। ଏହି ଗଳ୍ପରେ ପ୍ରେମ, ତ୍ୟାଗ ଏବଂ ସମର୍ପଣର କଥା କୁହାଯାଇଛି, ଯେଉଁଥିରେ ରାଧା ନିଜ ସ୍ୱାମୀଙ୍କ ସହ

ଫେରିଯିବା କଥା କହି ସାମାଜିକ ମର୍ଯ୍ୟାଦା ଓ କ୍ଷମାର ସୂଚନା ଦେଇଛନ୍ତି। 'ବ୍ରଜଦୁଲାଳୀ ବ୍ରହ୍ମାଣ୍ଡ ଈଶ୍ୱରୀ' ଗଳ୍ପରେ ବୃନ୍ଦାବନର ଜଣେ ଧନାଢ୍ୟ ସାଧବଙ୍କ ଶ୍ରୀରାଧାଙ୍କ ପ୍ରତି ଥିବା ଅଗାଧ ଭକ୍ତି ଏବଂ ତାଙ୍କର କନ୍ୟା ରୂପରେ ପ୍ରାପ୍ତିର ଏକ ଆଧାମ୍ରିକ କାହାଣୀ ବର୍ଣ୍ଣିତ ହୋଇଛି। ଶ୍ରୀରାଧା କେବଳ ବ୍ରହ୍ମାଣ୍ଡର ଈଶ୍ୱରୀ ନୁହଁନ୍ତି ବରଂ ଜଣେ ଭକ୍ତର ଶ୍ରଦ୍ଧା ଓ ପ୍ରାର୍ଥନା ବଳରେ ସେ ଜଣେ ସାଧାରଣ କନ୍ୟା ରୂପରେ ମଧ ଦର୍ଶନ ଦେଇପାରନ୍ତି। ତେଣୁ ଗାଳ୍ପିକ ଭକ୍ତ ଓ ଭଗବାନଙ୍କ ମଧରେ ଥିବା ସମ୍ପର୍କ ଅତ୍ୟନ୍ତ ମର୍ମସ୍ପର୍ଶୀ ଭାବେ ଦର୍ଶାଇଛନ୍ତି।

'ଶୁକ-ଶାରିକା ସମ୍ବାଦ' ଗଳ୍ପଟି ଶ୍ରୀରାଧା ଏବଂ ଶ୍ରୀକୃଷ୍ଣଙ୍କ ମଧରେ କିଏ ଶ୍ରେଷ୍ଠ, ସେହି ବିଷୟରେ ଏକ ଶୁକ ଏବଂ ଶାରିକା ପକ୍ଷୀ ଦମ୍ପତିଙ୍କ ମଧରେ ହୋଇଥିବା ଯୁକ୍ତିତର୍କ ଉପରେ ଆଧାରିତ। ଏହି ଗଳ୍ପ ମାଧମରେ ଗାଳ୍ପିକ ଦର୍ଶାଇବାକୁ ଚେଷ୍ଟା କରିଛନ୍ତି ଯେ ଶ୍ରୀରାଧା ଏବଂ ଶ୍ରୀକୃଷ୍ଣ ଏକ ଏବଂ ଅଭିନ୍ନ,ଶୁକ କୃଷ୍ଣଙ୍କୁ ପୁରୁଷୋତ୍ତମ ଭାବେ ବଡ ବୋଲି କହୁଥିବାବେଳେ ଶାରିକା ରାଧାଙ୍କୁ ଭକ୍ତି ଓ ଶକ୍ତିର ଆଧାର ଭାବେ ଶ୍ରେଷ୍ଠ ବୋଲି ପ୍ରମାଣିତ କରିଛନ୍ତି। ତେଣୁ ଗଳ୍ପ ଶେଷରେ ଗାଳ୍ପିକ ରାଧାଙ୍କ ପ୍ରେମ ଓ ସମର୍ପଣର ଗୁରୁତ୍ୱକୁ ପ୍ରାଧାନ୍ୟ ଦେଇଛନ୍ତି।

ମାନବ ସମାଜର ପ୍ରାଚୀନ ଚିନ୍ତାଧାରା, ଆସ୍ଥା ଓ କଳ୍ପନାର ସାହିତ୍ୟିକ ପ୍ରକାଶ ହେଉଛି ପୁରାକଳ୍ପ(Myth)। ଏହା କେବଳ ଗଳ୍ପ କିମ୍ବା ଆଖ୍ୟାନ ନୁହେଁ, ବରଂ ଜାତିର ଧାର୍ମିକ ଭାବନା, ସାଂସ୍କୃତିକ ପରମ୍ପରା ଓ ଜୀବନଦର୍ଶନର ପ୍ରତିଫଳନ। ପ୍ରାଚୀନ କାଳରେ ମନୁଷ୍ୟ ପ୍ରକୃତି ଓ ବ୍ରହ୍ମାଣ୍ଡର ରହସ୍ୟକୁ ବୁଝିବାପାଇଁ ଯେ ଆଲୋଚନାମୂଳକ କାହାଣୀ ସୃଷ୍ଟି କରିଥିବାରୁ ଏହି କାହାଣୀଗୁଡ଼ିକ ମିଥ୍ ର ରୂପ ନେଇଛି। ଭାରତୀୟ ପରମ୍ପରାରେ ରାମାୟଣ, ମହାଭାରତ ଓ ଭାଗବତ ପୁରାଣ ପରି ଗ୍ରନ୍ଥମାନଙ୍କରେ ମିଥ୍ ର ଏକ ସୁନ୍ଦର ଦୃଷ୍ଟାନ୍ତ ଦେଖିବାକୁ ମିଳେ, ଯାହା ସମାଜକୁ ନୈତିକ ଶିକ୍ଷା ଓ ଆଦର୍ଶ ଦେଇଥାଏ।

**ସହାୟକ ଗ୍ରନ୍ଥସୂଚୀ:-**

**୧. ବେହେରା ରାମଚନ୍ଦ୍ର, ମିଥ୍ ତତ୍ତ୍ୱ ଓ ତାହାର ପ୍ରୟୋଗ, ପ୍ରଥମ ସଂସ୍କରଣ ୨୦୧୦, ଓଡିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର**

**୨.ମିଶ୍ର, ଅଧାପକ ଇନ୍ଦୁ, ମିଥ୍ ଓ ଏହାର କାବ୍ୟିକ ପ୍ରୟୋଗ, ପ୍ରଥମ ସଂସ୍କରଣ ୧୯୮୪, ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ**

**୩.ସାହୁ , କୃପାସାଗର,ଷଠୀଘରରୁ ଷାଠିଏ, ଦ୍ୱିତୀୟ ସଂସ୍କରଣ ୨୦୨୨,କୁସୁମିତା ପବ୍ଲିକେସନ, ଲକ୍ଷ୍ମୀସାଗର, ଭୁବନେଶ୍ୱର**

**୪.ସାହୁ କୃପାସାଗର, ଷାଠିଏରୁ ସତୁରୀ, ଦ୍ୱିତୀୟ ସଂସ୍କରଣ ୨୦୨୩,କୁସୁମିତା ପବ୍ଲିକେସନ, ଲକ୍ଷ୍ମୀସାଗର, ଭୁବନେଶ୍ୱର**

**୫.ସାହୁ କୃପାସାଗର, ଶ୍ରୀରାଧା, ପ୍ରଥମ ସଂସ୍କରଣ ୨୦୨୫, କୁସୁମିତା ପବ୍ଲିକେସନ, ଡିଷ୍ଟ୍ରିକ୍ଟ ସେଣ୍ଟର, ଚନ୍ଦ୍ରଶେଖରପୁର**

**୬.ମିଶ୍ର, ଡ଼ ଗିରୀଶ ଚନ୍ଦ୍ର, ଆଧୁନିକ ଓଡ଼ିଆ କବିତା ଓ ମିଥ୍ ପ୍ରସଙ୍ଗ, ଦ୍ୱିତୀୟ ସଂସ୍କରଣ ୧୯୯୫,ଆର୍ଯ୍ୟ ପ୍ରକାଶନ, ଲିଙ୍କ୍ ରୋଡ, କଟକ**

**୭.ରଥ ବିଧୁପ୍ରଭା , ସୀତାକାନ୍ତ ମହାପାତ୍ରଙ୍କ କାବ୍ୟମାନସ ମିଥ୍, ପ୍ରଥମ ସଂସ୍କରଣ ୧୯୯୫, ଚିତ୍ରୋତ୍ପଳା ପବ୍ଲିକେସନ,ବଟେଶ୍ୱର, ସାଲେପୁର, କଟକ**

**୮.ମିଶ୍ର ଡ଼ ପ୍ରସନ୍ନ କୁମାର, ପୂର୍ବ ଭାରତରେ ହିନ୍ଦୁ ଲୋକମିଥ୍, ପ୍ରଥମ ସଂସ୍କରଣ ୧୯୮୧, ଓଡ଼ିଶା ବୁକ୍ ଷ୍ଟୋର**

**୯.Harry Levin, The Myth of the Golden Age in the Renaissance, Oxford University press,New York,1972**

**୧୦.ମିଶ୍ର ଡ଼ ହେନେରିଟା,ନାରୀ ଜୀବନର .... ମିଥ୍,ମୋଟିଫ୍ଓ ମେଟାଫର୍, ପ୍ରଥମ ସଂସ୍କରଣ ୨୦୨୫,ବିଦ୍ୟା ପବ୍ଲିଶିଙ୍ଗ୍,ପଟିଆ, ଭୁବନେଶ୍ୱର**

**୧୧. ରାୟ ମାଳବିକା, ମିଥ୍ ଓ ଆଧୁନିକ ଓଡ଼ିଆ କବିତା, ପ୍ରଥମ ସଂସ୍କରଣ ୧୯୯୩, ଅଗ୍ରଦୂତ**